ODM EDUCATIONAL GROUP
Changing your Tomorrow

# କଲାମାଣିକରେ

## କବି:ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର

## ଶ୍ରେଣୀ:ସପ୍ତମ

## ଦ୍ୱିତୀୟ ଦିନ

ODM EDUCATIONAL GROUP

**SUB-CONCEPTS:ମାତା ଯଶୋଦାଙ୍କ ବିଚଳିତ ଭାବ ଓ ବାତ୍ସଲ୍ୟମୟୀ ହୃଦୟର ଆବେଗ ।**

ପୂର୍ବ ପାଠର ଆଲୋଚନା-

୧.ଅଭିମନ୍ୟୁ ସାମନ୍ତସିଂହାରଙ୍କୁ କେଉଁ କବି କୁହାଯାଏ ?
୨.ବିଦଗ୍ଧ ଚିନ୍ତାମଣିର କବି କିଏ ?
୩.ସେ କେଉଁ ଯୁଗର କବିଥିଲେ ?
୪.କେଉଁ ଜିଲ୍ଲାରେ ସେ ଜନ୍ମ ଗ୍ରହଣ କରିଥିଲେ ?

ODM EDUCATIONAL GROUP

## ରଚନା: ଅଭିମନ୍ୟୁ ସାମନ୍ତସିଂହାର

ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ,
ବାତ୍ସଲ୍ୟ-ମମତା ଘେନି ଡାକୁଛନ୍ତି ମାତ । କଳାମାଣିକ ରେ ... ୧

ନିଧନ ସଙ୍ଗାଳି ମୋର ଦରିଦ୍ର ପସରା,
ଅନ୍ଧ ଲଉଡ଼ି ବାବୁରେ ହୃଦ ରତ୍ନହାରା । କଳାମାଣିକ ରେ ... ୨

ମୋ ଜୀବ ଜୀବନ ତୁହିଁ ନୟନ ପ୍ରତିମା,
ତୋତେ କି ପାସୋରି ହେବ, ମୋର ସୁଖ ସୀମା । କଳାମାଣିକ ରେ ... ୩

ଡରୁଥାଉ ଅନ୍ଧାରକୁ ରଖିଯାଉ ଗୋରୁ,
ଜନକ ଜନନୀ ସୁଖ କାହିଁପାଇଁ ସାରୁ ! କଳାମାଣିକ ରେ ... ୪



- ଗାଈଗୋଠରୁ ଫେରିବା ଡେରି ହେବାରୁ ମାତା ଯଶୋଦାଙ୍କ ମନରେ ବ୍ୟସ୍ତତା ଭରି ଉଠିଛି।
- ଶ୍ରୀକୃଷ୍ଣଙ୍କର ଗୁଣ ଓ କାର୍ଯ୍ୟକଳାପକୁ ସ୍ମରଣ କରି ବିଳାପ କରିଛନ୍ତି ।
- ଶ୍ରୀକୃଷ୍ଣ ତାଙ୍କ ପାଇଁ ସତେ ଯେପରି ଅନ୍ଧର ଲଉଡି,ଦରିଦ୍ରର ପସରା ଓ ନିର୍ଦ୍ଧନର ଧନ ସ୍ୱରୂପ ଥିଲେ ।
- ତାଙ୍କ ପ୍ରାଣର ପ୍ରତିମା,ନୟନର ମଣି କୃଷ୍ଣଙ୍କ ବନ ମଧରେ କୌଣସି ଅସୁବିଧା ହେଲା କି ?
- ଏହି କଥା ଚିନ୍ତା କରି ତାଙ୍କ ମନ  ବ୍ୟାକୁଳତାରେ ଅଧୀର ହୋଇପଡିଲା ।

# କଠିନ ଶବ୍ଦର ଅର୍ଥ:

- ଧୀରେ-ପଣ୍ଡିତମାନେ,ସୁଧୀମାନେ
- ବାତ୍ସଲ୍ୟ ମମତା-ନିଜ ସନ୍ତାନମାନଙ୍କ ପ୍ରତି ପିତା,ମାତାଙ୍କ ଗଭୀର ସ୍ନେହ
- ନିଧନ-ଧନହୀନ
- ଲଉଡି-ବାଡି
- ସଙ୍ଖାଳି-ପ୍ରାଣଧନ
- ପ୍ରତିମା-ମୂର୍ତ୍ତି

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ଦରିଦ୍ର-ଧନୀ
ଜୀବନ-ମରଣ
ସୀମା-ଅସୀମା
ଅନ୍ଧାର-ଆଲୁଅ
ସୁଖ-ଦୁଃଖ

## ପ୍ରତିଶବ୍ଦ:

ଲଉଡି-ବାଡି,ଯଷ୍ଟି
ଜୀବନ-ଜଳ,ପ୍ରାଣ
ଜନକ-ପିତା,ତାତ
ନୟନ-ଆଖି,ନେତ୍ର

# ଭିନ୍ନାର୍ଥବୋଧକ ଶବ୍ଦ:

ନିଧନ-ମୃତ୍ୟୁ,ବିନାଶ
ନିଧନ-ଧନହୀନ,ଦରିଦ୍ର

ଜୀବନ-ଜଳ
ଜୀବନ-ପ୍ରାଣ

ଜନକ-ମିଥିଳାର ରାଜା
ଜନକ-ପିତା

ଧୀରେ-ଆସ୍ତେ,ଧୀର ଭାବରେ
ଧୀରେ-ପଣ୍ଡିତ

# ଗୃହକର୍ମ:

ତୁମ ମା'ଙ୍କ ବିଷୟରେ ୧୦ ଧାଡି ଲେଖ ।

# THANKING YOU

# ODM EDUCATIONAL GROUP